# ଐଶ୍ୱରୀୟ ପ୍ରେମ

ତୁମେ ଯେ ଦେଲ ସଖି
ପ୍ରେମ ମଦିରା ପେଇ
ଅନ୍ୟ କାହାରେ ଆଖି
ମିଳାଇ ପାରୁ ନାହିଁ ।

ତୁମ ଅଧର ରାଗ
ଯେ ଥରେ ପାଏ ରାଣୀ
ଭୁଲେ କି ଜୀବନରେ
ଅମୃତ ଦେଲେ ଆଣି ?

ମୋ ମନ ଆଇନାରେ
ତୁମକୁ ବାରମ୍ବାର
ଦେଖିବି ନ ଦେଖିବା
ସ୍ମୃତିରୁ ନୁହେଁ ଦୂର ।

ଛାର ଆଇନା ଜଡ
ସେ ଦିଏ ଉପଦେଶ
ପ୍ରିୟାର ସଙ୍ଗ ଛାଡି
ପାଅନା ଅପଯଶ ?

ତୁମେ ଯେଉଁ ପଥରେ
ଯାଅ ଗୋ ପାଦ ଚାଳି
ସେ ପଥେ ଧୂଳି ହେବା
ମୋ ଲାଗି ଭାଗ୍ୟଶାଳୀ ।

ତାପରେ କେତେଥର
ପାଉଁଜି ଥିବ ବାଜି
ପ୍ରଣୟ ପଥ ପରେ
କେବେ ବି ଥିବ ହଜି ।

ଆସୁଛି ସ୍ମୃତି ପଥେ
ସେ ଦୃଶ୍ୟ ବାରମ୍ବାର
ପାରୁନି କେବେ ସଖି
ମନରୁ କରି ଦୂର ।

ସ୍ମୃତି ସଂଚୟ କରି
ପ୍ରିୟ ଯେ ଅଛି ବଂଚି
ସ୍ମୃତି ବିସ୍ମୃତ କରି
ପ୍ରିୟା ପାରିଛି ବଂଚି ।

ଯେତେକ ଅପବାଦ
ପାଇଲି ସତେ ରାଣୀ
ହୃଦରେ କଳାଗାର
ପାରିନି କେବେ ଟାଣି ।

ସାଗର ବେଳା ଅଛି
ଅଛି ବି ମଧୁରାତି
ଅଛି ବି ସେଇ ଦେହ
ଅଛି ବି ସେଇ ମତି ।

ଅଛି ବି ସେଇ ଜହ୍ନ
ଅଛି ବି ସେଇ ପଥ
କି ନେଇ ସୁଖି ସତେ
କହ ଏ ପରମାଦ ?

ନାହିଁ କି ସେଇ ମନ
ଯେଉଁ ମନରେ ଧନ
ପୀରତି ଥିଲ ଦେଇ
ଥିଲା ବି ଅଭିମାନ ।

ଅଛି ମନେ ଭରଷା
ତୁମେ ଯେ ମୋର ପ୍ରିୟା
ଭୁଲିନ ଆଜି ଯାଏଁ
ରଖିଛ ମନେ ଯାହା ।

ଯାଇଛି ମାସ ମାସ
ବିତିଛି ବର୍ଷ ବର୍ଷ
ସ୍ମୃତି ଯେ କାଳ ବସେ
ପାଇନି କେବେ ନାଶ ।

ଇଶ୍ୱର ସୃଷ୍ଟି ରାଣୀ
କେତେ ବିଚିତ୍ର ସତେ
ମରଣ ଯାଏ ବଂଧା
ପୀରତି ମଧୁ ପଥେ ।

ଅନ୍ତର ଦେଇ ସଖି
ଥିଲ ଯେ ପ୍ରେମ କରି
ପ୍ରେମ ଯେ ଐଶ୍ୱରୀୟ
ଯାଏନା କେବେ ମରି ।

❋❋❋